ଘାସ କେତେ ବଢ଼େ



୧୯୭୦-୭୧ରେ ବିଜେବି କଲେଜରେ ପଢ଼ିଲାବେଳେ ସାଙ୍ଗମାନଙ୍କ ସହିତ ମୁଁ କେତେ ଥର ଗୋପୀନାଥ ମହାନ୍ତିଙ୍କ ଘରକୁ ଯାଇଥିଲି । ଭେଟିବାକୁ ନୁହେଁ–ଦେଖିବାକୁ । କଥାବାର୍ତ୍ତା ହେବାକୁ ନୁହେଁ–ତାଙ୍କ କଥା ଶୁଣିବାକୁ । ସେ କେମିତି ଦେଖାଯାଆନ୍ତି–ଲମ୍ବା କି ଗେଡ଼ା, କଳା ନା ଗୋରା, ରାଗୀ କି ନରମ; ଅନ୍ୟମନସ୍କ କି ଭାବପ୍ରବଣ, ଅସ୍ଥିର କି ସ୍ଥିର, ବିଚଳିତ କି ଅବିଚଳିତ, ପରିପାର୍ଶ୍ୱ ପ୍ରତି ସଚେତନ ନା ଉଦାସୀନ, ଗପୁଡ଼ି କି ଗମ୍ଭୀର–ଏସବୁ ଜାଣିବା ପାଇଁ ତାଙ୍କ ଗଳ୍ପ ଓ ଉପନ୍ୟାସ ପଢ଼ି/ପଢୁଥିବା ତରୁଣ ପାଠକର କୌତୁହଳ ରହିବା ସ୍ୱାଭାବିକ । ସେତେବେଳକୁ ଗୋପୀନାଥ ମହାନ୍ତି କିମ୍ବଦନ୍ତୀ ଓ ତାଙ୍କ ସାହିତ୍ୟ ଦ୍ୱାରା ଆମେ ସବୁ ଆଲୋଡ଼ିତ; ତାଙ୍କ ଗଳ୍ପ ଓ ଉପନ୍ୟାସରୁ ଅନେକ ବାକ୍ୟ ଓ ବାକ୍ୟାଂଶ ଆମର ମୁଖସ୍ଥ ।

ତାଙ୍କ ସାନପୁଅ ଅମୃତ ଆମ ସହପାଠୀ, ତେଣୁ ତାଙ୍କ ଘରେ ପହଞ୍ଚିବା କଷ୍ଟକର ନଥିଲା । ଅମୃତ (ଯାହାକୁ ଗୋପୀନାଥ ମହାନ୍ତି 'ପୁଅ' ବୋଲି ଡାକୁଥିଲେ; ତାଙ୍କ ଚିଠିପତ୍ର ଓ ଦିନଲିପିରେ ଏଇ ଡାକ ନାଁରେ ସେ ଅମୃତକୁ ଉଲ୍ଲେଖ କରିଛନ୍ତି) ଆମକୁ ଆଶ୍ୱାସନା ଦେଇଥାଏ ଯେ ତା ବାପା ଆମକୁ ଦେଖି ଆଦୌ ବିରକ୍ତ ହେବେନାହିଁ; ବରଂ–ଯଦି ବ୍ୟସ୍ତ ନଥାନ୍ତି–ଖୁସି ହେବେ, ଆମ ସାଙ୍ଗେ ଗପିବେ । ଆମ ଦଳରେ ଥାଏ ରମେଶ କୁମାର ବେହେରା ଯାହାର 'ଜନସାହିତ୍ୟ' ପତ୍ରିକାରେ ପ୍ରକାଶିତ ପ୍ରଥମ ଉପନ୍ୟାସ ପଢ଼ି ଗୋପୀନାଥ ମହାନ୍ତି ତାକୁ ଖୁବ୍ ଉତ୍ସାହିତ କରିଥିଲେ ।

ଗୋପୀନାଥ ମହାନ୍ତିଙ୍କ ଉପସ୍ଥିତିରେ ଆମେ ଅତି ଅସହଜ, ସଂକୁଚିତ, ମୌନ ହୋଇ ବସିଥାଉ । ସେ ଗପୁଥାନ୍ତି, ଆମେ ଶୁଣୁଥାଉ । ତାଙ୍କ କଥା ଅମୃତ ପରି ଲାଗୁଥାଏ । ସେ ବଡ଼ପାଟିରେ ହସିଲାବେଳେ ଆମେ ଦାନ୍ତ ଦେଖାଉଥାଉ । ସେ ତାଙ୍କ ଝାମ୍ପୁଲା କେଶ ସାଉଁଳେଇ ପକାଉଥାନ୍ତି, ବିଭିନ୍ନ ପ୍ରକାର ମୁଖଭଙ୍ଗୀ କରୁଥାନ୍ତି, ମଝିରେ ମଝିରେ ଚୁପ୍ ହୋଇ ଆଖି ତରାଟି ଚାହୁଁଥାନ୍ତି, ପୁଣି ଗପ ସୁଅରେ ଭାସିଯାଉଥାନ୍ତି । ଆମେ ମନେ ମନେ ଗୁଣି ହେଉଥାଉ–ଏଇ ହେଉଛନ୍ତି ଗୋପୀନାଥ ମହାନ୍ତି ଯିଏ ଲେଖିଛନ୍ତି ଅମୃତର ସନ୍ତାନ, ଦାନାପାଣି, ପରଜା ଭଳି ଉପନ୍ୟାସ; ପିଞ୍ଜୁଡ଼ି, ଘର, ଶରଶଯ୍ୟା, ସମାଧାନ ଭଳି କ୍ଷୁଦ୍ରଗଳ୍ପ; ଭାଗ୍ୟରେ ଥିଲେ ଏଭଳି ଲେଖକଙ୍କ ଦର୍ଶନ ମିଳେ, ସାଙ୍ଗରେ ବସି ଚା ପିଇବା ତ ବହୁ ବଡ଼ କଥା ।

ଆମ ଭିତରୁ କିଏ ଜଣେ ଆସ୍ତେକରି 'ଦାନାପାଣି'ର ମିଷ୍ଟର ସ' ଚରିତ୍ର କଥା ଉଠାଇଲା । ଗୋପୀନାଥ ମହାନ୍ତି କହିଲେ ମିଷ୍ଟର ସ'କୁ ସେ ସାବାଡ଼ କରିଥିଲେ । ବାସ୍ତବ ଜୀବନର ମିଷ୍ଟର ସ'ର ନାଆଁ ଅନ୍ୟ କିଛି ଥିଲା ଓ ସେ ସାହେବୀ ବାହାଦୁରୀ ଦେଖାଇଲା ବେଳେ ଗୋପୀନାଥ ମହାନ୍ତି ବାଘ ଆଗରେ ଫାଗ ତୋଡ଼ ଦେଖାଇ ତାକୁ ଜବତ୍ କରିଥିଲେ । (ଉପନ୍ୟାସରେ କିନ୍ତୁ ବଳିଦଉର ଅବସ୍ଥା କାହିଲ୍!)

ଆମେ ତାଙ୍କ କଥା ଶୁଣି ହସୁଥିଲା ବେଳେ ଭୁବନେଶ୍ୱର ସେକ୍ରେଟେରିଏଟ୍ କୋଠାରେ ବିଲୁଆ ଛୁଆ ଦିଅନ୍ତି ଆମେ ଜାଣୁ କି ନାହିଁ ବୋଲି ପଚାରିଲେ । ସେ ଆମ ସଂଗେ ମଜା କରୁଥାନ୍ତି କି ସତ କହୁଥାନ୍ତି (ଯଦି ସତ କହୁଥାନ୍ତି, କାହିଁକି ହଠାତ୍ ମିଷ୍ଟର ସ' ବିଷୟ ଛାଡ଼ି ବିଲୁଆ ଛୁଆ ପାଖେ ପହଞ୍ଚିଥାନ୍ତି) ଆମର ଜାଣିବା ଉପାୟ ନଥାଏ । ଟିକିଏ ଆଗରୁ ସେ କହିଥାନ୍ତି ଯେ ତରୁଣଙ୍କୁ ଦେଖିଲେ ବୟସ୍କମାନେ ଏମିତି ସଂଚରି ଯାଆନ୍ତି, ଏମିତି ସଂକ୍ରମିତ ହୋଇଯାଆନ୍ତି ଯେ ବହୁ

ମିଛ, ବହୁ ଅତିରଂଜିତ ଗାଲୁଗପ କହିଥାନ୍ତି ଓ ନିଜ ଅଜାଣତରେ ଚମତ୍କାର ସାହିତ୍ୟ ସୃଷ୍ଟି କରିଥାନ୍ତି ।

ଆମେ କଣ ଉତ୍ତର ଦେବୁ, ଉତ୍ତର ଦେବା ଆଦୌ ଦରକାର କି ନାଇଁ ଏକଥା ଭାବୁଥିଲା ବେଳେ ସେ ଉଠିପଡ଼ି ଘର ଭିତରକୁ ଗଲେ ଓ ଗୋଟାଏ ଠେଙ୍ଗା ଧରି ଫେରିଲେ । ଆମକୁ ହଠାତ୍ ସାଙ୍କୁଡ଼ି ହୋଇଯିବା ଦେଖି ହସି କହିଲେ, ଏଇଟା ଠେଙ୍ଗା ନୁହେଁ ବଇଁଶୀ, ଏ ବଇଁଶୀ ଶୁଣିଲେ ଘାସ ବି ଲମ୍ବେଇଯାଏ । ଆମେ ଟିକିଏ ଆଶ୍ୱସ୍ତ ହେବା ପରେ କେତେ ଲମ୍ବା ଘାସ ଆମେ ଦେଖିଛୁ ବୋଲି ସେ ପଚାରିଲେ । ଆମ ଭିତରୁ ସବୁଠାରୁ ନିର୍ଭୀକ ପିଲା ଗାଲୁମାରିଲା–ହାତେ ।

ଗୋପୀନାଥ ମହାନ୍ତି ଆମକୁ ଉଠାଇ ଚାଲିଲେ ତାଙ୍କ ଘର ସାମ୍ନା ବଗିଚାକୁ । ସେଠି ସେ 'ପାଳିଥାନ୍ତି' ଗୋଟିଏ ଘାସଗଛ–ଛଅ ଫୁଟ ଲମ୍ବା । ବାଉଁଶ କଣିର ଗଂଜା, ସେଥିରେ ଗୁଡ଼େଇ ହୋଇ ବଢ଼ିଥାଏ ସେ ଲତା । ଗୋପୀନାଥ ମହାନ୍ତି ତାକୁ ଆଉଁସିଲେ, ଭଲ ଅଛି କି ନାହିଁ ବୋଲି ପଚାରିଲେ, ଅଜଣା ଦେଖଣାହାରୀଗୁଡ଼ିକ ସାହିତ୍ୟପ୍ରେମୀ କଲେଜ ଛାତ୍ର ବୋଲି ପରିଚୟ କରାଇଦେଲେ ।

ତା'ପରେ ଗଲେ ଆଉ ଗୋଟିଏ ଗଛ ପାଖକୁ ଓ ତା ଇତିହାସ କହିବାକୁ ଲାଗିଲେ । ବଗିଚାର ପ୍ରତି ଗଛପତ୍ର ସହିତ ତାଙ୍କର ବ୍ୟକ୍ତିଗତ ଆଳାପ । ଆପଣା ସାହିତ୍ୟରେ ବି ପ୍ରତି ଚରିତ୍ର ସହିତ ଲେଖକର ଦରକାର ଏଇଭଳି ଘନିଷ୍ଠତା, ଚିହ୍ନା ପରିଚୟ, ସେ ଶେଷରେ କହିଲେ । ଆତ୍ମୀୟତା ଥିଲେ ଚରିତ୍ର ଯେତେ ସାମାନ୍ୟ/ନ୍ୟୂନ ହେଉନା କାହିଁକି ଘାସଗଛ ପରି ବଢ଼େ । ଆତ୍ମୀୟତା ଥିଲେ ଚରିତ୍ର ଜୀବନ୍ତ ହୁଏ । ପ୍ରତି ଲେଖକ ଗୋଟିଏ ଯାଦୁକର; ଯିଏ ବହୁ ପରିଶ୍ରମ କରେ, ଖଟେ, ଚିନ୍ତାକରେ, ଭାବେ, ଘାରିହୁଏ, କଷ୍ଟପାଏ–ସେ ସେତେ ଭଲ ଯାଦୁକର ହୁଏ ।

ଏବେ, ଚାଳିଶରୁ ଅଧିକ ବର୍ଷ ପରେ, ବିଶେଷାଙ୍କ କାମରେ ମାତିଲା ବେଳେ ବାରମ୍ବାର ମନେପଡ଼େ ତାଙ୍କ ଠେଙ୍ଗା-ଉଞ୍ଚ ବଇଁଶୀ, ଘାସଗଛ ଓ ଗପ । ସବୁ ଲେଖକ ଯେ ଯାଦୁକର ସେ ବିଶ୍ୱାସ ମୋର ନାହିଁ; କିନ୍ତୁ ଯେଉଁ ବିଷୟରେ ସାମାନ୍ୟତମ ଅବିଶ୍ୱାସ ମୋର ବା ଅଗଣିତ ଓଡ଼ିଆ ପାଠକଙ୍କର ନାହିଁ ତାହା ହେଲା ଓଡ଼ିଆ ସାହିତ୍ୟରେ ଗୋପୀନାଥ ମହାନ୍ତିଙ୍କ ପରି ବିସ୍ମୟକର ଯାଦୁକର ଦ୍ୱିତୀୟ ଏପର୍ଯ୍ୟନ୍ତ ଦେଖିବା ଘଟିନାହିଁ ।

*

ଏଇ ବିଶେଷାଙ୍କ ଅନେକ ସାହିତ୍ୟପ୍ରେମୀ, ଲେଖକ, ଚିତ୍ରଶିଳ୍ପୀଙ୍କ ଯୋଗୁଁ ସମ୍ଭବ ହୋଇପାରିଛି । 'ମଲ୍ଲିକା'ର ପ୍ରତିଷ୍ଠାତା ଓ ମୁଖ୍ୟ ଉପଦେଷ୍ଟା ରେଣୁକା ରଥଙ୍କ ବିନା ଉତ୍ସାହ, ଆଗ୍ରହ, ପରିଶ୍ରମ ଓ ପରାମର୍ଶରେ ଏହା ଭ୍ରୂଣମୃତ୍ୟୁ ଅବସ୍ଥାରେ ରହିଯାଇଥାନ୍ତା ।

ନିୟମିତ ସଂପାଦକ ସୁଶାନ୍ତ କୁମାର ପଣ୍ଡା ଆଡ଼େଇ ହୋଇ ଖାଲି ଦର୍ଶକଙ୍କ ପରି ରହିଲେ ନାହିଁ; ପରାମର୍ଶ ଦେଲେ, ଆଲୋଚନା କଲେ, ତଥ୍ୟ ସଂଗ୍ରହରେ ସହଯୋଗ କଲେ ।

ତାପରେ ଆଗେଇ ଆସିଲେ ଓଁକାର ନାଥ ମହାନ୍ତି, ନିବେଦିତା ମହାନ୍ତି ଓ ଅମୃତ ନାଥ ମହାନ୍ତି–ଗୋପୀନାଥ ମହାନ୍ତିଙ୍କ ପରିବାର–ସେମାନଙ୍କ ସାହାଯ୍ୟ ବିନା ଅନେକ ଚିଠି, ଫଟୋ, ଦିନଲିପି ସ୍ଥାନିତ ହୋଇ ପାରି ନଥାନ୍ତା । ଓଁକାର ନାଥ ମହାନ୍ତି ଓ ନିବେଦିତା ମହାନ୍ତିଙ୍କୁ ଯେତେ କୃତଜ୍ଞତା ଜଣାଇଲେ ମଧ୍ୟ ଯଥେଷ୍ଟ ହେବନାହିଁ; ସତ କହିବାକୁ ଗଲେ, ସେ ଦୁହିଁଙ୍କୁ ସହ-ସଂପାଦକ ହିସାବରେ ସ୍ୱୀକାର କରିବା ନୈତିକତାର କାମ ହୋଇଥାଆନ୍ତା ।

ଅଯାଚିତ ସାହାଯ୍ୟ ମିଳିଲା ଆହୁରି ଅନେକଙ୍କଠାରୁ: ସବା ଆଗେ, ସମୀକ୍ଷକ ଓ ସଂପାଦକ ଅସିତ ମହାନ୍ତି, ଯିଏ ବହୁ ବହି ଓ ଲେଖା ଖୋଜିଖାଜି ଆଣି ଦେଲେ ।

ଅକୁଣ୍ଠିତ ସାହାଯ୍ୟ ମିଳିଲା ଶିଳ୍ପୀ ଅଭିଜିତ ଦତ୍ତ ଓ ତାଙ୍କ ଜରିଆରେ ଶିଳ୍ପୀ ଜଗନ୍ନାଥ ପଣ୍ଡା, ବୀରେନ୍ଦ୍ର ପାଣି ଓ ପ୍ରତୁଲ ଦାଶଙ୍କଠାରୁ । ସେମାନଙ୍କ ରଙ୍ଗୀନ ଚିତ୍ରକଳାର କଳାଧଳା ସଂସ୍କରଣ ବିଶେଷାଙ୍କରେ ସ୍ଥାନିତ । ଜଗନ୍ନାଥ ପଣ୍ଡାଙ୍କ ସ୍ଥାପତ୍ୟ 'ଛେଳି', ବୀରେନ୍ଦ୍ର ପାଣିଙ୍କ ଲିନୋକଟ୍ 'ଶୁକ୍ଳ ଜାନି' ଓ ପ୍ରତୁଲ ଦାଶଙ୍କ 'ଆଦିବାସୀ ବାଳକ' ସମସ୍ତେ ଦୃଷ୍ଟି ଆକର୍ଷକ । ଶିଳ୍ପୀ ରମାକାନ୍ତ ସାମନ୍ତରାୟ ପଠାଇଲେ ପିଣ୍ଡୁଡ଼ି ଗପ ଉପରେ ଆଧାରିତ ଦୁଇଟି 'ଚଉଦିଗ ଚିତ୍ରପଟ'–ସଂପୂର୍ଣ୍ଣ ନୂଆ ।

କିଛି ଲୋକଙ୍କ ପଛରେ ମତେ ଗୋଡ଼େଇବାକୁ ପଡ଼ିଛି, ବାରମ୍ବାର ଫୋନ୍ କରିବାକୁ ହୋଇଛି, ମନେ ପକେଇଦେବାକୁ ହୋଇଛି, ତାଙ୍କ ଉପରେ ବିରକ୍ତ ହେବାକୁ ପଡ଼ିଛି–ସେମାନଙ୍କ ନାଆଁ ନେବିନି, କିନ୍ତୁ ଶେଷରେ ଯେଉଁ କେତେଜଣଙ୍କଠୁଁ ସାହାଯ୍ୟ ମିଳିଲା ସେମାନଙ୍କୁ–ବିଶେଷକରି କଲିକତାରେ ନ୍ୟାସ୍‌ନାଲ୍ ଲାଇବ୍ରେରୀ ଓଡ଼ିଆ ବିଭାଗ ଦାୟୀତ୍ୱରେ ଥିବା କାଳିଚରଣ ଗୌଡ଼ ଓ ଦିଲ୍ଲୀ ସାହିତ୍ୟ ଅକାଦେମିର ଅଶୋକ ଚୌଧୁରୀଙ୍କୁ–ଧନ୍ୟବାଦ ଜଣାଉଛି ।

କିଛି ଲୋକ ନିରାଶ କଲେ, ସବୁ ଚେଷ୍ଟା ସତ୍ତ୍ୱେ । କ୍ଷତି ଆମର ଯେତିକି ସେମାନଙ୍କର ବି ସେତିକି । ଗୋପୀନାଥ ମହାନ୍ତିଙ୍କ ପରି ଲେଖକଙ୍କୁ ନେଇ ହେଉଥିବା ମଉଚ୍ଛବରେ ସାମିଲ ହେବାକୁ ସେମାନଙ୍କୁ ନିମନ୍ତ୍ରଣ କରାଯାଇଥିଲା; ସେମାନେ ଯୋଗଦେଲେ ନାହିଁ କି ସିରିଣୀ ପାଇଲେ ନାହିଁ–ସେଥିକୁ ଆମେ କଣ କରିବା ? ବୋଲ ଆନନ୍ଦେ ଏକବାର–ହରି ବୋଲ !

ବିଶେଷାଙ୍କର ସମସ୍ତ ମୁଦ୍ରଣତ୍ରୁଟି (ବିଲ୍‌କୁଲ୍ ନାହିଁ ବୋଲି ଦାବିକରିବା ଦମ୍ଭ ନାହିଁ), ତଥ୍ୟଗତ ପ୍ରମାଦ (ଯଦିକିଛି ଥାଏ), ବିଚାରଶୂନ୍ୟତା, ବୁଦ୍ଧିହୀନତା ଓ ମୂର୍ଖତା ପାଇଁ ରାସ୍ତାଘାଟରେ ଦେଖିଲାମାତ୍ରେ ସୌଜନ୍ୟ ସଂପାଦକଙ୍କୁ ଗାଳିଫଜ୍ଜିତ ଶୁଣେଇବା ପାଇଁ ଶ୍ରଦ୍ଧେୟ ପାଠକେ ଯେମିତି ନଛାଡ଼ନ୍ତି !

*

ଶେଷରେ, ସହୃଦୟ ପାଠକଙ୍କୁ ଅନୁରୋଧ: ଗୋପୀନାଥ ମହାନ୍ତିଙ୍କ ବହିର ପ୍ରଥମ ସଂସ୍କରଣ, ଚିଠି ଓ ଫଟୋ ଯଦି ସେମାନଙ୍କ ପାଖେ ଥାଏ ତାହାର ଜେରକ୍ସ/ସ୍କାନ୍ ଆମକୁ ଯୋଗେଇ ଦେଲେ, ଏ ବିଶେଷାଙ୍କର ଏକ ବର୍ଦ୍ଧିତ ସଂସ୍କରଣ ବାହାରକରିବା ସମ୍ଭବ ହୁଅନ୍ତା ।

କମଳାକାନ୍ତ ମହାପାତ୍ର



ଶେଷ କଥା

ଓଡ଼ିଆ ସାହିତ୍ୟର ଅବିକଳ୍ପ ସାଧକ ଓ ପ୍ରଜ୍ଞାପୁରୁଷ ଗୋପୀନାଥ ମହାନ୍ତିଙ୍କର ସର୍ଜନାତ୍ମକ ଦିଗଟିକୁ ଅନେଇଲେ ଆଖି ପାଏନା । ସେ ଥିଲେ ଜଣେ ଅସାଧାରଣ ଲେଖକ କିନ୍ତୁ ମଣିଷ ହିସାବରେ ଥିଲେ ଏକାନ୍ତ ସାଧାରଣ । ଲେଖକ ମାଧ୍ୟମରେ ସଂପୂର୍ଣ୍ଣ ମଣିଷଟି ନିଶ୍ଚୟ କଥା କହୁଥିବ ବୋଲି ସେ କଳ୍ପନା କରୁଥିଲେ । ତାଙ୍କ ଭିତରେ ଏକ ଭିନ୍ନ ଅନୁରାଗ ଥିଲା । ମାନବିକ ଆବେଦନରେ ତାଙ୍କ ସୃଷ୍ଟି ଅସମ୍ଭବ ଭାବେ ଉର୍ଜସ୍ୱଳ ।

ଆମ ସମୟର ବିଶିଷ୍ଟ ସାହିତ୍ୟିକ, ଗୋପୀନାଥ ମହାନ୍ତିଙ୍କର କତିପୟ ପୁସ୍ତକ ଓ ଆହୁରି ଅନେକ ଓଡ଼ିଆ ପୁସ୍ତକର ଇଂରାଜୀ ଅନୁବାଦକ କମଳାକାନ୍ତ ମହାପାତ୍ର ବିଶେଷାଙ୍କଟିକୁ ପ୍ରକାଶ କରିବା ପାଇଁ ସ୍ୱେଚ୍ଛାରେ ଆଗ୍ରହ ପ୍ରକାଶ କରିଥିଲେ । ଗୋପୀନାଥ ମହାନ୍ତିଙ୍କ ଜନ୍ମ ଶତବାର୍ଷିକୀ ବିଶେଷାଙ୍କର କାର୍ଯ୍ୟ ଆରମ୍ଭ ହୋଇଥିଲା ପ୍ରାୟ ଛଅ ମାସ ଆଗରୁ । କାମ ଯେତିକି ଯେତିକି ଆଗକୁ ବଢୁଥିଲା ସେତେ ଅଜଣା ତଥା ଉପାଦେୟ ତଥ୍ୟ ଗୋଚରକୁ ଆସୁଥିଲା । କେଉଁ ତଥ୍ୟ ବିଶେଷାଙ୍କରେ ସନ୍ନିବେଶିତ ହେବ ଏବଂ କେଉଁଟି ହେବ ନାହିଁ ତାକୁ ନେଇ ସଂପାଦକଙ୍କ ଦ୍ୱନ୍ଦ୍ୱ ମଧ୍ୟ ବଢ଼ି ବଢ଼ି ଚାଲିଥିଲା । ଗୋପୀନାଥ ମହାନ୍ତିଙ୍କୁ ସଂପାଦକ ଶ୍ରୀ ମହାପାତ୍ର ଅତି ନିକଟରୁ ଦେଖିଛନ୍ତି ଓ ଅତି ନିବିଡ଼ ଭାବରେ ଅଧ୍ୟୟନ କରିଛନ୍ତି । ଏହି ମହାନ ସାରସ୍ୱତ ସାଧକଙ୍କ ସଂପର୍କରେ ଏକନିଷ୍ଠ ସାଧନା ଓ ଅଙ୍ଗିକାରବଦ୍ଧତାର ସହିତ କାର୍ଯ୍ୟଟିକୁ ସଂପାଦନ କରିଥିବାରୁ ତାଙ୍କ ପ୍ରତି ମଲ୍ଲିକା ପରିବାର ତରଫରୁ ଅଶେଷ କୃତଜ୍ଞତା ଜ୍ଞାପନ କରୁଛି ।

ମଲ୍ଲିକାର ମୁଖ୍ୟ ପୃଷ୍ଠପୋଷକ ଓ ବିଶିଷ୍ଟ ସମାଜସେବୀ ଶ୍ରୀଯୁକ୍ତ ରାମକୃଷ୍ଣ ଅଗ୍ରୱାଲ ସହୃଦୟତା ଓ ସଦିଚ୍ଛାର ସହିତ ଯେଉଁ ସହଯୋଗ ପ୍ରଦାନ କରିଥିବାରୁ ତାଙ୍କୁ ଆନ୍ତରିକ ଧନ୍ୟବାଦ ଜ୍ଞାପନ କରୁଛି ।

ଏହି ବିଶେଷାଙ୍କଟିର ଶ୍ରୀବୃଦ୍ଧି ସାଧନ ପାଇଁ ଯେଉଁମାନେ ପରୋକ୍ଷ ଓ ପ୍ରତ୍ୟକ୍ଷ ସହଯୋଗ କରିଛନ୍ତି । ସେମାନଙ୍କ ପାଖରେ ଆମେ ଚିର ଋଣୀ ।

ଗୋପୀନାଥ କୃତି ସମୂହ ଆଗାମୀ ବଂଶଧରଙ୍କ ପାଇଁ ସନ୍ତକ ହୋଇ ରହିଥିବ; ଜୀବନକୁ ନୂଆ ବାଟ ଦେଖାଇ ନେଇଯାଉଥିବ ଏବଂ ସଭ୍ୟତା ଓ ମାନବିକତା ପାଇଁ ନୂଆ ସନ୍ଦେସ ପ୍ରେରଣ କରୁଥିବ ।

ଓଡ଼ିଆ ସାରସ୍ୱତ ଜଗତରେ କେତେଜଣ ଏମିତିକା ସାହିତ୍ୟିକ ଅଛନ୍ତି ଯେଉଁମାନେ ଜ୍ଞାନ ଓ ଅନୁଭବର ଚୌହଦି ଏତେ ବର୍ଦ୍ଧିତ କରିଛନ୍ତି– ଯେଉଁମାନେ ଏତେ ସ୍ୱପ୍ନ ଦେଖିଛନ୍ତି ଓ ଦେଖାଇଛନ୍ତି ।

ସୁଶାନ୍ତ କୁମାର ପଣ୍ଡା

ମଲ୍ଲିକା ନିୟମାବଳୀ

୧ । ମଲ୍ଲିକା ଏକ ତ୍ରୈମାସିକ ସାହିତ୍ୟ ପତ୍ରିକା । ଉପଯୁକ୍ତ ସମୟରେ ଉପଯୁକ୍ତ ଲେଖା ମିଳିଲେ ମଲ୍ଲିକା ପ୍ରକାଶିତ ହୁଏ । ସିଧା କଥାରେ ଏହା ସମୟ ଅନୁବନ୍ଧିତ ନୁହେଁ ସୃଜନ ଅନୁବଦ୍ଧିତ ।

୨ । ଲେଖା ପ୍ରକାଶିତ ହେବା ପାଇଁ ମଲ୍ଲିକାକୁ କୌଣସି ଅନୁରୋଧ କରନ୍ତୁ ନାହିଁ ବରଂ ମଲ୍ଲିକାକୁ ଅନୁରୋଧ କରିବାକୁ ଦିଅନ୍ତୁ । ସାହିତ୍ୟର ଗହଳି ଭିତରୁ ମଲ୍ଲିକା ତା'ର ଈପ୍ସିତ ଲେଖକମାନଙ୍କୁ ଠାବ କରିବାକୁ ଚେଷ୍ଟା କରେ ।

୩ । ମଲ୍ଲିକା ପୁନଃପୌନିକତା ଉପରେ ବିଶ୍ୱାସ ରଖେ ନାହିଁ । ତେଣୁ ନିଜର ସଦ୍ୟତମ ଅପ୍ରକାଶିତ ଲେଖାଟିକୁ ପଠାଇବାକୁ ଲେଖକ / ଲେଖିକାଙ୍କୁ ବିନମ୍ର ଅନୁରୋଧ ।

୪ । ନିହାତି ଆବଶ୍ୟକ ନପଡ଼ିଲେ ପତ୍ରିକାର ପ୍ରକାଶନ ନା ନିଜର ଲେଖା ପ୍ରକାଶନ ସମ୍ପର୍କରେ ବାରମ୍ବାର ଟେଲିଫୋନ୍ ନକରିବାକୁ ସବିନୟ ଅନୁରୋଧ ।

୫ । ନିମ୍ନଲିଖିତ ଠିକଣାରେ ଲେଖା ପଠାଇବାକୁ ଅନୁରୋଧ:

ସଂପାଦକ

ମଲ୍ଲିକା

ଫ୍ଲାଟ୍ ନଂ. ୨ଇ, ଲାନ୍ସଡାଉନ୍ ହାଇଟ୍ସ୍

୬, ଶରତ ବୋଷ ରୋଡ଼, କଲିକତା ୭୦୦୦୨୦

ଦୂରଭାଷ : ୦୯୪୩୩୧୮୯୩୬୪/୦୮୯୦୨୧୯୯୨୩୯

email: skpanda64@gmail.com